## ନଦୀ ତଟରୁ ମୃତଦେହ ଜବତ

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠସ୍ଥ ରାମଚନ୍ଦ୍ରପୁର ନିକଟସ୍ଥ ଝଞ୍ଜାବତୀ ନଦୀ କୂଳରୁ ରବିବାର ଏକ ମୃତଦେହ ଠାବ ହୋଇଛି । ମୃତକ ଜଣକ ହେଲେ ଟି.ସୂର୍ଯ୍ୟା ରାଓ(୫୫) । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ପ୍ରକାଶ ଯେ, ଗତ ୬ ତାରିଖରେ ସୂର୍ଯ୍ୟା ରାଓ ମଝିଘରିଆଣି ମନ୍ଦିର ନିକଟସ୍ଥ ଝଞ୍ଜାବତୀ ନଦୀ ପୋଲ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ । ଅଞ୍ଚଳବାସୀ ଏହା ଦେଖି ତାଙ୍କ ପରିବାରବର୍ଗଙ୍କୁ ସୂଚନା ଦେଇଥିଲେ । ବହୁ ଖୋଜାଖୋଜି ପରେ ମଧ୍ୟ ସୂର୍ଯ୍ୟାଙ୍କ କୌଣସି ପତ୍ତା ମିଳି ନ ଥିଲା । ତେବେ ରବିବାର ରାମଚନ୍ଦ୍ରପୁର ନିକଟସ୍ଥ ନଦୀ ତଟରେ ତାଙ୍କ ମୃତଦେହ ପଡ଼ିଥିବା ଗାଁ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ । ମିଳିଥିବା ସୂଚନା ମୁତାବକ କିଛି ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା ।

# ସମସ୍ତେ ପଢ଼ିବେ, ସାକ୍ଷର ହେବେ

**ଅନ୍ତର୍ଜାତୀୟ ସାକ୍ଷରତା ଦିବସ**

ଗୁଣପୁର, ୮।୯(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରଠାରେ ବ୍ଳକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଶତାବ୍ଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ମନୋଜ ଗମାଙ୍ଗ ମୁଖ୍ୟବକ୍ତା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଭୀମପୁରଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶାଙ୍କ ଦାସ, ବିକ୍ରମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବରିହା, ଚଳକମ୍ବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ସିଆର୍‌ସିସି ଦିଲ୍ଲୀପ ପାଣିଗ୍ରାହୀ




ସଚେତନତା କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ର ।

ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ସଭାରେ ଅତିଥିମାନେ ତାଙ୍କ ବକ୍ତବ୍ୟରେ ଅଞ୍ଚଳର ସମସ୍ତେ କିପରି ପାଠପଢ଼ିବେ ସାକ୍ଷର ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ ।

କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବିଆର୍‌ସିସି ଲକ୍ଷ୍ମୀ ବେହେରା ପୌରୋହିତ୍ୟ କରିଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ବିଶାଳ ରାଲି କରି ଶିକ୍ଷା ସଚେତନତା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷା ସଚେତନତା ଉପରେ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆରସିସି ସଞ୍ଜୀବ କୁମାର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସିଆରସିସି ଗୋପୀନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଜଲକ୍ଷ୍ମୀ, ଦୁର୍ଗା ପୂଜା ଲାଗି ଶୁଭ ଖୁଣ୍ଟି ସ୍ଥାପନ

ବିଷମ କଟକ, ୮।୯ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମ କଟକରେ ଚଳିତ ବର୍ଷ ଗଜଲକ୍ଷ୍ମୀ ଏବଂ ଦୁର୍ଗା ପୂଜା ନିମନ୍ତେ ରବିବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ବିଷମ କଟକ ଦୋଳ ମଣ୍ଡପ ପରିସରରେ ଗଜଲକ୍ଷ୍ମୀ ପୂଜା ପାଇଁ ପୂଜକ ରାମଚନ୍ଦ୍ର ରଥ, ଅନନ୍ତ ରଥ, ସପନ ରଥଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା କରି ଶୁଭ ଖୁଣ୍ଟି ସ୍ଥାପନ କରିଛନ୍ତି। ଏହି ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ଅରବିନ୍ଦ ମହାରଣା, ରାଜ କିଶୋର ସାହୁ, ଶରତ ଆଚାର୍ଯ୍ୟ,ଅଶୋକ ତ୍ରିପାଠୀ, ଆଲୋକ ରଞ୍ଜନ ଖୁଣ୍ଟିଆ, ଯୁଗୋଳ ଭିମସିଂ,ଏଲ.ନିଳମାଧବ ଏବଂ ସୁଧାଂଶୁ ଶେଖରର ପାତ୍ର ଉପସ୍ଥିତ ଥିଲେ । ଚଳିତ ବର୍ଷ ପୂଜା ୧୦ ଦିନ ଆୟୋଜିତ ହେବ।

ସେହିପରି ବିଷମ କଟକ ଆଇଓବି ବ୍ୟାଙ୍କ ପଛ ପଡିଆରେ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ପୂଜକ ରାମଚନ୍ଦ୍ର ରଥଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ପୂଜା କମିଟିର ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ବିଭୁତି ଭୂଷଣ ନାୟକ, କୋଷାଧ୍ୟକ୍ଷ ହରିହର ପଟ୍ଟନାୟକ, ଅନିଲ କୁମାର ଦାଶ, ଏମ.ଦିଲୀପ କୁମାର, ସନ୍ତୋଷ କୁମାର ବିଶୋୟୀ, ସନ୍ତୋଷ ସେଠୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜା ୭ ଦିନ ଆୟୋଜିତ ହେବ । ଚଳିତ ବର୍ଷ ମା'ଙ୍କ ମୃଣ୍ମୟୀ ପ୍ରତିମା କିପରି ଭକ୍ତଙ୍କୁ ଆକର୍ଷିତ କରିବ ସେ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସାଙ୍ଗକୁ ସୁନ୍ଦର ତୋରଣ ଏବଂ ଆଲୋକ ମାଳାରେ ପୂଜା ପେଣ୍ଡାଲକୁ ସୁସଜ୍ଜିତ କରାଯିବାର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

## ଦୁଇ କାର୍ ମୁହାଁମୁହିଁ ଧକ୍କା: ୩ ଆହତ



ଦୁର୍ଘଟଣାଗ୍ରସ୍ତ କାର।

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା-କୋରାପୁଟ ଦେଇ ଯାଇଥିବା ୩୨୬ନଂ. ଜାତୀୟ ରାଜପଥସ୍ଥିତ ହାଲୁଆ ଗ୍ରାମ ନିକଟରେ ୨ କାର ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରୁ ଏକ କାର ନଂ (ଓଡ଼ି୧୦ଏଫ୪୩୦୦)ରେ ରାୟଗଡ଼ାକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସିଦ୍ଧାର୍ଥ ପଣ୍ଡା ଓ ଅନ୍ୟ ୪ଜଣ ଆସୁଥିଲେ। ଏହି ସମୟରେ ରାୟଗଡ଼ା ଦେଇ ବ୍ରହ୍ମପୁରରୁ କୋରାପୁଟ ଯାଉଥିବା ଏକ କାର ନଂ (ଓଆର୦୭ୱାଇ୩୯୦୦) ହାଲୁଆ ନିକଟସ୍ଥ ଆଶୀର୍ବାଦ ଢାବା ସମ୍ମୁଖରେ ସାମ୍ନା ପଟୁ ଧକ୍କା ଦେଇଥିଲା । ଫଳରେ ବନ୍ଧୁଗାଁରୁ ସିଦ୍ଧାର୍ଥ ପଣ୍ଡାଙ୍କ ସହିତ ଥିବା ଅନ୍ୟ ଯାତ୍ରୀ ଦମୟନ୍ତୀ ମିଣିଆକା ଓ ରଶ୍ମିତା ଦେବରପଲୀ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ ଅନ୍ୟ କାରରେ ଥିବା ୩ଜଣଙ୍କ ମଧ୍ୟରୁ ବାପି ପାତ୍ର ଆହତ ହୋଇଥିବା ବେଳେ ଶଙ୍କର ପାଢ଼ୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟ ଜଣେ ଦୁର୍ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବ୍ରହ୍ମପୁରରୁ କୋରାପୁଟ ଯାଉଥିବା କାରର ଚାଳକ ଶଙ୍କର ପାଢ଼ୀ ଓ ବାପି ପାତ୍ର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଜଣାପଡ଼ିଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଶିବାନନ୍ଦଙ୍କ ଜନ୍ମ ଦିବସ ପାଳିତ

ଗୁଣପୁର, ୮।୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସହରର ଦିବ୍ୟ ଜୀବନ ସଂଘଠାରେ ରବିବାର ସଦ୍‌ଗୁରୁ ଶିବାନନ୍ଦ ମହାରାଜଙ୍କ ୧୩୭ତମ ଜନ୍ମ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଗୁରୁଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ମନୋଭାବ ନେଇ ସଦ୍‌ଗୁରୁଙ୍କ ଦିବ୍ୟ ସଦ୍‌ଗୁଣ ଅନୁସରଣ କଲେ ଜ୍ଞାନପ୍ରାପ୍ତି ସମ୍ଭବ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଗୁରୁଭାଇ ଓ ଗୁରୁଭଉଣୀଙ୍କ ଦ୍ୱାରା ଶିବାନନ୍ଦ ସ୍ୱାମୀଙ୍କ ଗୁରୁପାଦ ପୂଜା, ଗୁରୁସ୍ରୋତ ପଠନ ଓ ପୂଜା ଅର୍ଚ୍ଚନା କରାଯାଇଥିଲା । ପରେ ଶିଶୁ ଯତ୍ନ ଅନୁଷ୍ଠାନ(ବାଳନିକେତନ) ଗୁଣପୁର ଅନ୍ତେବାସୀଙ୍କୁ ଶାଖା ତରଫରୁ ଖାତା, କଲମ, ପେନସିଲ, କଟର, ରୁଟି, ବିସ୍କୁଟ,ଚକୋଲେଟ ବଣ୍ଟନ କରାଯାଇଥିଲା। ଗୁରୁଭାଇ ରବୀନ୍ଦ୍ର କୁମାର ସାହୁ, ଶଶୀଭୂଷଣ ମହାନ୍ତି, ସଦାଶିବପାତ୍ର, ସୁବାଷ ସେନାପତି, ପଞ୍ଚାନନ ହୋତା ଓ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ପିଲାଙ୍କୁ ପଠନ ସାମଗ୍ରୀ ପ୍ରଦାନ କରାଯାଉଛି।

## ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ଲୋଗୋ ଉନ୍ମୋଚିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଖବରଦାତା।

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଠକରବାପା ଆଶ୍ରମ ବିଦ୍ୟାଳୟ ପରିସରରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ପକ୍ଷରୁ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲା ସଭାପତି ଖଗେଶ୍ୱର ସିଂଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋଗୋ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଓୟୁଡବ୍ଲୁଜେ ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ରାଜ୍ୟ ସମ୍ପାଦକ ନାରାୟଣୀ ପ୍ରସାଦ ମିଶ୍ର, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ତପନ ହିଆଲ, ବର୍ତ୍ତ ହରିଜନ, ବରିଷ୍ଠ ଖବରଦାତା ସିଏଚ୍.ଶ୍ରୀନିବାସ, ଗୋପ ରଞ୍ଜନ ବକ୍ସିପାତ୍ର, ଶ୍ରମିକ ନେତା ନିରଞ୍ଜନ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ସାମ୍ବାଦିକଙ୍କ ଏକତା ଓ ଉନ୍ନତି ଉପରେ ମତ ପ୍ରକାଶ କରିଥିଲେ । ଏଥିରେ ଜେକେ ପେପରମିଲର ଲୋକସମ୍ପର୍କ ଅଧିକାରୀ ସ୍ମୃତିରେଖା କର ଯୋଗଦେଇ ଠକରବାପା ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପଠନ ସାମଗ୍ରୀ ବଣ୍ଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ନାୟକ, ପ୍ରସାଦ ଲିମା, ରୁଦ୍ର ଚୌଧୁରୀ, ସୁପ୍ରିୟା ଷଡ଼ଙ୍ଗୀ, କିଶୋର ମହାନନ୍ଦିଆ, ତେଲି ନାୟକ, ଅଜିତ ଭଡ୍ରୀୟା, ରବୀନ୍ଦ୍ର ସାହୁ, ଶେଖର ଖୁରାଙ୍କ ସମେତ ବହୁ ଖବରଦାତା ଯୋଗ ଦେଇଥିଲେ ।

## ଅଲେଖ ଧର୍ମାବଲମ୍ବୀଙ୍କ ପକ୍ଷରୁ ନବାନ୍ନ ଭକ୍ଷଣ

ଗୁଣପୁର, ୮।୯ (ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତର ଆମ୍ବାବଡି ଗାଁରେ ଅଲେଖ ଧର୍ମାବଲମ୍ବୀଙ୍କ ପକ୍ଷରୁ ରବିବାର ନବାନ୍ନ ଭକ୍ଷଣ ହୋଇଥିଲା । ଶନିବାର ଏଥିପାଇଁ ନୂଆଁଖାଇ ଭାଦ୍ରବ ମାସ ଚତୁର୍ଥୀ ତିଥିରେ ଅଲେଖ ଧର୍ମାବଲମ୍ବୀମାନେ ପଣା ଅର୍ପଣ କରିଥିଲେ । ପରେ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ରବିବାର ସକାଳୁ ନୂଆଁଖାଇ ହେବା ନେଇ ସ୍ଥିର ହୋଇଥିବା ଅଲେଖ ମହିମା ଟ୍ରଷ୍ଟର ସଭାପତି ଶେଷଦେବ ସେନାପତି, ସମ୍ପାଦକ ଲବ ବିଡ଼ିକା କହିଛନ୍ତି। କାର୍ଯ୍ୟକ୍ରମରେ ତ୍ରିନାଥ ଶବର, ପଦ୍ମ ଶବର ଏବଂ ଗୋପୀ ଶବର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ ।



ଅଲେଖ ଧର୍ମାବଲମ୍ବୀଙ୍କ ପକ୍ଷରୁ ନବାନ୍ନ ଭକ୍ଷଣ ଚାଲିଛି।

## ସିଏମ୍ କିଷାନ ସହାୟତା ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ

ମୁନିଗୁଡ଼ା,୮।୯ (ନନ୍ଦ କିଶୋର ପଟ୍ଟନାୟକ)

କୃଷି ଓ କୃଷକର ବିକାଶ ନିମନ୍ତେ ସିଏମ୍ କିଷାନ ସହାୟତା ଯୋଜନା ସମ୍ବଲପୁରରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରବିବାର ଶୁଭାରମ୍ଭ କରିଛନ୍ତି । ଏହାର ସିଧାପ୍ରସାରଣ ମୁନିଗୁଡା ବ୍ଲକର ସଦ୍‌ଭାବନା ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତମ କୁମାର ତନ୍ତୀଙ୍କ ପୌରହିତ୍ୟରେ ଓ ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀଙ୍କ ସଭାପତିତ୍ୱରେ ମୁନିଗୁଡ଼ା ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟତଃ ମହୁ ଚାଷ, କୁକୁଡ଼ା, ବତକ, ଛେଳି, ଛତୁ ଚାଷ ନିମନ୍ତେ ଏହି ଯୋଜନା ମାଧ୍ୟମରେ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବାର ପ୍ରମୁଖ ଲକ୍ଷ୍ୟ ରହିଛି। ଉକ୍ତ କାର୍ଯ୍ୟକ୍ରମକୁ ମୁନିଗୁଡାରେ କୃଷି ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ ପରିଚାଳନା କରିଥିଲେ। କୃଷି ଅଧିକାରୀ ହିମାଂଶୁ ଭୁଷଣ ମହାନ୍ତି , ପ୍ରକାଶ ଚନ୍ଦ୍ର ବେହେରା,ସହକାରୀ ବୈଷୟିକ ପରିଚାଳକ ରଙ୍କନିଧି ପ୍ରଧାନ ଓ ଲୋପାମୁଦ୍ରା ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।



ମୁନିଗୁଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରୀ ଓ ଚାଷୀ ସିଧା ପ୍ରସାରଣ ଦେଖୁଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ ଶିକ୍ଷକ ଦିଲୀପ କର ସମ୍ବର୍ଦ୍ଧିତ



ଆଦର୍ଶ ଶିକ୍ଷକ ଭାବେ ଦିଲୀପ କରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପଦ୍ମପୁର, ୮।୯ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ସଦର ମହକୁମା ପ୍ରେମ ପାହାଡ଼ ନିକଟସ୍ଥ ଲାୟନ୍ସ କ୍ଲବ୍ ପକ୍ଷରୁ ଆଦର୍ଶ ଶିକ୍ଷକ ଭାବେ ଦିଲୀପ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା, ପରିବେଶ ସୁରକ୍ଷା ଓ ଓଡ଼ିଆ ଭାଷା ସାହିତ୍ୟ ପାଇଁ ତାଙ୍କର ଅବଦାନ ଲାଗି ପଦ୍ମପୁର ବ୍ଲକ୍ ଉ-ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁ ଦିବସ ଅବସରରେ କ୍ଲବର ସଭାପତି ଟି. ରଜନୀ କୁମାରୀ ପାତ୍ର, ସମ୍ପାଦକ ପ୍ରତାପ ଚନ୍ଦ୍ର ବାଉରୀ , କୋଷାଧ୍ୟକ୍ଷ ଭି. ମୁରଲୀ କ୍ରିଷ୍ଣା, ଅବସର ପ୍ରାପ୍ତ ଶିକ୍ଷକ ଉଦୟଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ପୃକ୍ତ ଶିକ୍ଷକ କରଙ୍କୁ ଫୁଲତୋଡ଼ା, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ସୂଚନାଯୋଗ୍ୟ ଯେ, ରାୟଗଡ଼ସ୍ଥିତ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ଜିଲାର ଆଦର୍ଶ ଶିକ୍ଷକ ରୂପେ ଦିଲୀପ କରଙ୍କୁ ସମ୍ମାନିତ କରାଯାଇଥିଲା।

## ଗୋଟିଏ ରାତିରେ ୨ ଦୋକାନରୁ ଚୋରି

ରାୟଗଡା,୮।୯(ଆଶିଷ ରଞ୍ଜନ ପଣ୍ଡା)

ଗୋଟିଏ ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ଅରବିନ୍ଦ ନଗର ଦ୍ୱିତୀୟ ଲାଇନରେ ଥିବା ଚିନାରୀ ରବି କୁମାରଙ୍କ ସିଏମ୍‌ଆର ଜେନେରାଲ ଷ୍ଟୋରରୁ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ରବିବାର ସକାଳେ ରବି କୁମାର ଦୋକାନ ଖୋଲିବା ସମୟରେ ତାଙ୍କ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତ ଗ୍ରୀଲ ତାଲା ତାଡି ପ୍ରାୟ ୯୦ ହଜାରରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି। ସେହିପରି ନିକଟରେ ଥିବା ବିମ୍ବାଧର ସାହୁଙ୍କ ମା' ସମଲେଇ ଷ୍ଟୋରରେ ମଧ ଚୋରି ହୋଇଛି । ସେଠାରୁ ଲୁଟେରାମାନେ ଟଙ୍କା ପଇସା ନ ପାଇବାରୁ ଧରା ପଡିଯିବା ଭୟରେ ସିସି କ୍ୟାମେରା ହାଡ଼ ଡିସ୍କ ଲୁଟି ନେଇଛନ୍ତି । ଏ ନେଇ ଦୁଇ ଦୋକାନୀ ଥାନାରେ ଏତଲା ଦେଇଛନ୍ତି। ଖବରପାଇ ରାୟଗଡା ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦୁର୍ଗା, ଗଜଲକ୍ଷ୍ମୀ, କାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗୁଣପୁର,୮।୯(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର ସହରର ବିଭିନ୍ନ ପୂଜା ମଣ୍ଡପରେ ରବିବାର ମା' ଦୁର୍ଗା, ଗଜଲକ୍ଷ୍ମୀ ଏବଂ କାଳୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ୧୮ ବର୍ଷରେ ପଦାର୍ପଣ କରିଥିବା ସ୍ଥାନୀୟ ଆଇଟିଡିଏ ଅଫିସ ନିକଟସ୍ଥ କାଳୀ ପୂଜା ମଣ୍ଡପରେ ପୂଜା ପାଠ କରି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ପୁରହିତ ଭାବେ ବ୍ରହ୍ମପୁରସ୍ଥିତ ପୂର୍ଣ୍ଣ ଚନ୍ଦ୍ର ଦାସ ଙ୍କ ସହ କର୍ତ୍ତା ଭାବେ ବିମଳ ମିଶ୍ର ଗଙ୍ଗା ନଦୀ ଘାଟର ମାଟିକୁ କାଳୀ ପୂଜା ମଣ୍ଡପରେ ପୂଜା ପାଠ କରି ଶୁଭଖୁଣ୍ଟି ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ରାଧାକୃଷ୍ଣ ପଟ୍ଟନାୟକ, ପ୍ରଭାତ ମହାପାତ୍ର,ରଞ୍ଜିତ ପାଢ଼ୀ, ଅଜିତ ପଣ୍ଡା,ରିଙ୍କୁ ଦାସ, ପ୍ରଦୀପ ପାଢ଼ୀ,ବାବୁଲି ଖାଡଙ୍ଗା, ଅବସରପ୍ରାପ୍ତ ଅଧ୍ୟାପକ ଗଣେଶ୍ୱର ଶତପଥୀ, ବିରଞ୍ଚି ପାଣିଗ୍ରାହୀ, ବିଜୟ ସୁନା ମୁଦି, ଜନାର୍ଦ୍ଦନ ମହାପାତ୍ର, ଅଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାବୁଲି ଓ ବୃନ୍ଦାବତୀ ନଗର ପୂଜା ମଣ୍ଡପରେ ୭ମ ବର୍ଷରେ ପହଞ୍ଚିଥିବା ଗଜଲକ୍ଷ୍ମୀ ପୂଜାର ଶୁଭଖୁଣ୍ଟି ସ୍ଥାପନ ସରିଛି । ଏଥିରେ କର୍ତ୍ତା ଭାବେ ଗୌରାଙ୍ଗ ପଣ୍ଡା ଏବଂ ପୂଜକ ପ୍ରକାଶ ରଥ ଙ୍କ ସହ ପୂଜା କମିଟିର ସଭାପତି ଜଗନ୍ନାଥ ପଟ୍ଟନାୟକ, ଉପସଭାପତି ଦିପୁ ପଟ୍ଟନାୟକ,ସମ୍ପାଦକ ବୁଲୁ ପାଢି, କୋଷାଧ୍ୟକ୍ଷ ନରସିଂହ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଢେପ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନୀୟ ଷ୍ଟେଶନ ଛକରେ ଚଳିତ ବର୍ଷରୁ ଆରମ୍ଭ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ମଧ୍ୟ ଶୁଭ ପଡିଛି। ଏହି କାର୍ଯ୍ୟକ୍ରମରେ ଜୟଦେବ ନନ୍ଦ, ପ୍ରବିଣ ପଟ୍ଟନାୟକ, ସନ୍ତୋଷ ସାହୁ, ଭୋନା ପ୍ରବିଣ, ଜାମି ମୋହନ ରାଓ, ମନମାଦା ରାଓ, ଭି. ଗୌରୀ ଶଙ୍କର ରାଓ, ବଳରାମ ପଣ୍ଡା, ଶୁକଦେବ ପାଣିଗ୍ରାହୀ, ଚିନୁତୁ ପଟ୍ଟନାୟକ, ସୁମନ ପାଣିଗ୍ରାହୀ, କୈଳାସ ମଣ୍ଡଳ, ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜାଗୃତି ସାଂସ୍କୃତିକ ସଙ୍ଘ ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ପଡିଛି। ୧୯୯୭ରୁ ଆରମ୍ଭ ହୋଇଥିବା ପୂଜାରେ କର୍ତ୍ତାଭାବେ ରାଧାକୃଷ୍ଣ ପଣ୍ଡା କାର୍ଯ୍ୟ ସମ୍ପାଦନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ଗୋପୀନାଥ ପାତ୍ର, ସମ୍ପାଦକ ଶିବ ପ୍ରଶାଦ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ସାହୁକାର, କମଳାକାନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ରବି ନାରାୟଣ ଶତପଥି, ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଗାନ୍ଧୀ ନଗର ମଣ୍ଡପରେ ଦଶହରା ପୂଜା ପାଇଁ ଶୁଭ ପଡିଥିଲା। କର୍ତ୍ତାଭାବେ ଶଙ୍କର ଶ୍ରୀରାମ ପୂଜାରେ ବସିଥିବା ବେଳେ ରବି କୌଶଲ୍ୟା, ବାଲକା ଶ୍ରୀରାମ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟରେ ମଧ୍ୟ ପୂଜକ ଗଣେଶ ଷଡ଼ଙ୍ଗୀ ଓ କର୍ତ୍ତା ରଘୁନାଥ ଦାଶଙ୍କ ଦ୍ୱାରା ପୂଜା କରାଯାଇ ଦୁର୍ଗା ପୂଜା ପାଇଁ ଶୁଭ ପଡିଛି। ଏହି କାର୍ଯ୍ୟକ୍ରମରେ ଏସଡିଓ ପୂର୍ଣ୍ଣ ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଅରୁଣ ଷଡ଼ଙ୍ଗୀ, ଅଭିଜିତ ସାମନ୍ତ, ଅଜିତ ପଣ୍ଡା, ମୁନା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ପବନରେ ଉଡ଼ିଗଲା ଛାତ୍ରୀନିବାସ ଟିଣ

ରାୟଗଡା,୮।୯(ଆଶିଷ ରଞ୍ଜନ ପଣ୍ଡା )

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ୍‌ରେ ରବିବାର ଅପରାହ୍ନରେ ବର୍ଷା ପବନ ଯୋଗୁ ରମାଦେବୀ ଛାତ୍ରୀନିବାସ ଟିଣ ଛପର ଉଡ଼ିଯାଇଛି। ତେବେ ଏହି ଦୁର୍ଘଟଣା ସମୟରେ କୌଣସି ଛାତ୍ରୀ ଆହତ ହୋଇ ନ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଶବର କହିଛନ୍ତି ।

୧୯୮୦ ମସିହାରୁ ଆରମ୍ଭ ହୋଇଥିବା ୪୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ବିଭିନ୍ନ ଅବ୍ୟବସ୍ଥା ଘେରରେ ରହିଛି। ରମାଦେବୀ ଛାତ୍ରୀ ନିବାସରେ ୪୦ଜଣ ଛାତ୍ରୀ ରହିପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ନ୍ତି। ଛାତ୍ରୀନିବାସରେ କୁନିକୁନି ଛାତ୍ରୀମାନେ ରହି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଡାଇନିଂ ହଲ ତିଆରି ହୋଇପାରୁନାହିଁ। ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଛାତ୍ରୀ ନିବାସ ମରାମତି କରାଯିବା ସହିତ ଡାଇନିଂ ହଲ ନିର୍ମାଣ ପାଇଁ ଦାବି ହୋଇଛି।



ଚନ୍ଦ୍ରପୁରରେ ଥିବା ରମାଦେବୀ ଛାତ୍ରୀନିବାସ ।



ଉଡି ଯାଇଥିବା ଛାତ୍ରୀନିବାସ ଟିଣ ଛପର।

# ଲଘୁଚାପ ବର୍ଷା: ୩ ପଞ୍ଚାୟତ ଜଳବନ୍ଦୀ

- ଦିଗାପୁର ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ
- ଜଳବନ୍ଦୀ ସ୍ଥାନକୁ ଗଲେ କୋଟପାଡ଼ ବିଧାୟକ
- ୧୨ରୁ ଊର୍ଦ୍ଧ୍ୱ ଘର ଭୁଶୁଡ଼ିଲା, ଲୋକେ ସ୍ଥାନାନ୍ତର
- ପହଞ୍ଚି ନାହାନ୍ତି ଡାକ୍ତରୀ ଟିମ୍

କୁନ୍ଦୁରା, ୮।୯ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଲଘୁଚାପଜନିତ ବର୍ଷାରେ ୩ ପଞ୍ଚାୟତ ଜଳବନ୍ଦୀ ଘେରରେ ରହିଛି। କୁନ୍ଦୁରା ବ୍ଲକ ସୀମାନ୍ତରେ ଥିବା ୩ ପଞ୍ଚାୟତ ଘୁମର, ମସିଗାଁ, ଦିଗାପୁର ବିରି ଏବଂ କୋଲାବ ନଦୀ ଉଛୁଳିବା ଯୋଗୁ ଜଳବନ୍ଦୀ ହୋଇଛି। ଏଥିରେ ୧୨ ଘର ଭାଙ୍ଗିଥିବା ଜଣାପଡିଛି। ଏହି ଖବର ଶୁଣିବା ପରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଜଳବନ୍ଦୀ ଅଞ୍ଚଳକୁ ଯାଇ ଘଟଣାର ଅନୁଧ୍ୟାନ କରୁଛନ୍ତି।


ଲଗାଣ ବର୍ଷାରେ ଦିଗାପୁର ପଞ୍ଚାୟତରେ ଭୁଶୁଡି ପଡିଥିବା ଏକ ଘର ।


ଜଳବନ୍ଦୀ ଅଞ୍ଚଳ ବୁଲି ଦେଖୁଛନ୍ତି କୋଟପାଡ଼ ବିଧାୟକ ରୂପୁ ଭତ୍ରା ଓ ଅନ୍ୟମାନେ ।

ବର୍ଷା ତୁହାକୁ ତୁହା ଲାଗି ରହିଥିବା ବେଳେ ପ୍ରାୟ ୧୨ଶହ ଏକର ଜମିରେ ଜଳ ଭର୍ତ୍ତି ହୋଇ ରହିଛି । ଯାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ଦିଗାପୁର ନିକଟରେ ଥିବା ବିରି ନଦୀର ବ୍ରିଜ ଉପରକୁ ପାଣି ରହିଥିବା ଏବଂ ଘସରଡା ନିକଟସ୍ଥ କୋଲାବ ନଦୀ ପାଣି ବ୍ରିଜ ଉପରେ ପ୍ରବାହିତ ହେଉଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଦିଗାପୁର ଏବଂ ଘସରଡ଼ା ଗ୍ରାମକୁ ଯୋଗାଯୋଗ କରୁଥିବା ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମି ଜଳମଗ୍ନ ହେବା ଯୋଗୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। କୁନ୍ଦୁରା ବ୍ଲକ ସୀମାନ୍ତ ଦିଗାପୁର ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଜୟପୁରଠାରୁ ଦିଗାପୁର, ବୈପାରୀଗୁଡାରୁ ଦିଗାପୁର, କୁନ୍ଦୁରା ଦିଗାପୁର ରାସ୍ତା ଉପରେ ୩ ଫୁଟର ପାଣି ପ୍ରବାହିତ ହେଉଛି। ଦିଗାପୁର ଆଗରେ କୋଲାବ ନଦୀ ପୋଲ ଉପରେ ୨ଫୁଟ ପାଣି ପ୍ରବାହିତ ହେଉଥିବା ବେଳେ ଦିଗାପୁରଠାରୁ କୁନ୍ଦୁରା ମଧ୍ୟରେ ଥିବା ବିରି ନଦୀ ଉପରେ ବର୍ଷା ଜଳ ପ୍ରବାହିତ ଯୋଗୁ ଯୋଗାଯୋଗ ଠପ୍ ହୋଇଯାଇଛି। ୧୨ଶହ ଏକର ଚାଷ ଜମି ଜଳମଗ୍ନ ହୋଇରହିଛି। ଘଟଣାସ୍ଥଳକୁ କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୁନ୍ଦୁରା ବିଡିଓ ଛୁଟିରେ ଥିବାରୁ କୋଟପାଡ଼ ବିଡିଓ ବିକ୍ରମ କୁମାର ଦୋରା ବନ୍ୟା ପୀଡ଼ିତଙ୍କୁ ଗ୍ରାମପଞ୍ଚାୟତରେ ଥଇଥାନ କରି ସମସ୍ତଙ୍କୁ ଖାଦ୍ୟପେୟ ଯୋଗାଇ ଦେଉଛନ୍ତି । ବନ୍ୟାଞ୍ଚଳରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଓଡ୍ରାଫ ଟିମ୍ ମୁତୟନ ରହିଛନ୍ତି।କିନ୍ତୁ ଡାକ୍ତରୀ ଟିମ୍ ପହଞ୍ଚି ନ ଥିବା ଜଣାପଡିଛି ।

## ଲଗାଣ ବର୍ଷାରେ ଭୁଶୁଡିଲା ଘର କାନ୍ଥ

### ଅନ୍ଧକେ ବର୍ତ୍ତିଲେ ବୃଦ୍ଧ

ସେମିଳିଗୁଡା/ସୁନାବେଡା,୮।୯
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଗତ କିଛି ଦିନ ହେଲା କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ସେମିଳିଗୁଡା ବ୍ଲକ ପାକଖୋଲା ପଞ୍ଚାୟତ ଅଧୀନ ନୂଆପୁଟ ଗାଁର ଜଣେ ବୃଦ୍ଧ ଶୋଇଥିବା ବେଳେ ଶନିବାର ରାତିରେ କାନ୍ଥ ଭୁସୁଡି ବିପରୀତ ପଟକୁ ପଡିଥିଲା। ବୃଦ୍ଧ ଜଣଙ୍କ ହେଲେ ଲକ୍ଷ୍ମଣ ନାୟକ (୭୦)। ସେ ଅନ୍ଧକେ ବର୍ତ୍ତିଥିବା ଗାଁ ଲୋକ କହିଛନ୍ତି। ବର୍ଷା ପ୍ରଭାବରେ ସେମିଳିଗୁଡା ଆଖପାଖ ଅଞ୍ଚଳ ଅନେକ ମାତ୍ରାରେ ପ୍ରଭାବିତ ହୋଇଛି। ମାଟି ଘରେ ରହୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାର୍ଦ୍ଧକ୍ୟ ଭତ୍ତାରେ ଜୀବନ ଅତିବାହିତ କରୁଥିବା ଲକ୍ଷ୍ମଣଙ୍କୁ ସରକାର ଯଥାଶୀଘ୍ର ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ସହାୟତା ଦାବି କରିଛନ୍ତି । ସରକାରଙ୍କ ବହୁ ଯୋଜନା ରହିଥିଲେ ସୁଦ୍ଧା ଲକ୍ଷ୍ମଣଙ୍କ ଭଳି ଆହୁରି ବହୁ ଲୋକ ଗାଁରେ ଝାଟିମାଟି ଘରେ ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ସେହିପରି ଲକ୍ଷ୍ମଣଙ୍କ ପଡୋଶୀ ଭାନୁ ନଡ଼ିଆ(୬୫)ଙ୍କ ସମାନ ଅବସ୍ଥା। ଭାନୁ ଏକାକୀ ରହୁଥିବା ବେଳେ ତାଙ୍କ ଘର ମଧ୍ୟ ଭୁଶୁଡିବା ଅବସ୍ଥାରେ। ସରକାର ଆବାସ ଯୋଜନାରେ ଉଭୟଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଗାଁ ଲୋକେ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ସେମିଳିଗୁଡା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ନାୟକଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ଥିବା କହିଛନ୍ତି। ଲକ୍ଷ୍ମଣଙ୍କୁ ତୁରନ୍ତ ପଲିଥିନ ଯୋଗାଇ ଦିଆଯାଇଛି। ଏଥିସହ ବିଡିଓଙ୍କୁ


ଲଗାଣ ବର୍ଷାରେ ଲକ୍ଷ୍ମଣ ନାୟକଙ୍କ ଘର କାନ୍ଥ ଭୁଶୁଡି ପଡ଼ିଛି।

ଗାଁର ପ୍ରଫୁଲ୍ଲ ନଡ଼ିଆ, ଭାଗ ନଡ଼ିଆ, ସଇତା ପୂଜାରୀ, ମୋହନ ପୂଜାରୀ, ସୁବାଷ ପୂଜାରୀ,ସନ୍ତୋଷ ଖିଲ,ମଦନ ନାୟକ,ଭଗବାନ ପୂଜାରୀ, ଜଗବନ୍ଧୁ ପୂଜାରୀ ଓ ଗୋପୀନାଥ ପୂଜାରୀ ପ୍ରମୁଖ ଅବଗତ କରାଯାଇ ଏବଂ ଆର୍‌ଆଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ ସରକାରୀ ସହାୟତା ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ନାୟକ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କୋରାପୁଟ,୮।୯(ଅମିତାଭ ବେହେରା)

କୋରାପୁଟ ବ୍ଲକ ବଡକେରେଙ୍ଗା ପଞ୍ଚାୟତ ବଡ଼ନାୟକଗୁଡା ଗ୍ରାମର ଜଣେ ଯୁବକଙ୍କର ରବିବାର ସର୍ପଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ଦଣ୍ଡପାଣି ସ୍ୱାଇଁ (୩୯)। କୋରାପୁଟ ବ୍ଲକ ଅଧୀନରେ ଥିବା ବଡ଼ନାୟକଗୁଡା ଗ୍ରାମର ଦଣ୍ଡପାଣି ଶନିବାର ରାତିରେ ଖାଇ ଶୋଇବାପରେ ବିଳମ୍ବିତ ରାତ୍ରରେ କୌଣସି ଏକ ସାପ ତାଙ୍କ ହାତ ଆଙ୍ଗୁଠିକୁ କାମୁଡି ଦେଇଥିଲା। ପରେ ଯୁବକଜଣକ ଯନ୍ତ୍ରଣା ଅନୁଭବ କରି ଖଟରୁ ଉଠି ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ କୋରାପୁଟ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସା ଚାଲିଥିବାବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରବିବାର ସକାଳେ ତାଙ୍କୁ ବିଶାଖାପାଟଣା ନେବାକୁ ଡାକ୍ତର କହିଥିଲେ। ବିଶାଖାପାଟଣାକୁ ନେବା ସମୟରେ ସେମିଳିଗୁଡା ଠାରେ ଦଣ୍ଡପାଣିଙ୍କର ମୃତ୍ୟୁ ହୋଇଯାଇଥିବା ତାଙ୍କ ସ୍ତ୍ରୀ ପ୍ରତିମା ସ୍ୱାଇଁ ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ନିବେଦନ କରିଛନ୍ତି।

### ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର,୮।୯ (ପବନ ପାଣିଗ୍ରାହୀ)

ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜୟନ୍ତିଗିରିର ଚୈତନ୍ୟ ଗୌଡ (୨୯) । ପୋଲିସ ସୂଚନା ଅନୁଯାୟୀ, ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ୧୫୭/୨୪ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରାଯାଇଥିବା ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି।

### ସୁଭଦ୍ରା ରଥ ଶୁଭାରମ୍ଭ

ନନ୍ଦପୁର,୮।୯ (ସୁନିଲ କୁମାର ପଣ୍ଡା)

ନନ୍ଦପୁର ପଞ୍ଚାୟତ ସମିତିରେ ସୁଭଦ୍ରା ସଚେତନତା ରଥ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ତତ୍ତ୍ୱାବଧାନରେ ରଥର ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି, ଆଶା କର୍ମୀ,ସିଆର୍‌ପିଏମ ବିକେ,ସିଡିପିଓ ମିନତୀ ବାଳା ପଟ୍ଟନାୟକ, ବିପିସି ମିଶନ ଶକ୍ତି ଶ୍ରୀଧର ଜାନୀ, ବିପିଏମ୍ ବିଚିତ୍ର କୁମାର ରାଉତ, ନନ୍ଦପୁର ପିଇଓ କାମଳ ରାଓ ସ୍ମିଥ ଓ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଭଦ୍ରା ରଥ ରବିବାରଠାରୁ ୧୨ତାରିଖ ପର୍ଯ୍ୟନ୍ତ ସମସ୍ତ ୨୩ ପଞ୍ଚାୟତରେ ଯୋଜନାର ମୂଳ ଉଦ୍ଦେଶ୍ୟର ପ୍ରଚାର କରିବ । ରଥ ରବିବାର ୫ ପଞ୍ଚାୟତର ନନ୍ଦପୁର, ଖୁର୍ଜୀ, ମଲିବେଲଗାଁ ଓ ହିକିମପୁଟରେ ପରିକ୍ରମା କରିଛି।

## କୁସୁମି ମଶାଣି ଭିତରେ ପଶିଲା ପାଣି

### ପ୍ରବଳ ବର୍ଷା

କୋଟପାଡ଼,୮।୯( ରାଜଶେଖର ରାଓ)

ପ୍ରବଳ ବର୍ଷା ଯୋଗୁ କୁନ୍ଦୁରା-ଜୟପୁର ମୁଖ୍ୟ ରାସ୍ତାରେ ଦୁଇରୁ ତିନି ଫୁଟ ପାଣି ପ୍ରବାହିତ ହେଉଥିବା ବେଳେ କୋଟପାଡ଼ ବ୍ଲକର କୁସୁମୀ ପଞ୍ଚାୟତ କଣ୍ଟା ଗୁଡା, ବାଗଛୁଆ, ଚିତ୍ରା ପଞ୍ଚାୟତର ମାଝୀଗୁଡା, କୋଙ୍କିଆଗୁଡା, ଡଙ୍ଗ୍ରୀଗୁଡା, ଖୁଟଗୁଡା ଆଖ ପାଖ ଅଞ୍ଚଳର ଗ୍ରାମଗୁଡିକରେ ଆମ୍ବାବାଲ ନଦୀର ବନ୍ୟା ଜଳ ପଶିଥିବା ଜଣାପଡିଛି । ଏଭଳି କେତେକ ପଞ୍ଚାୟତ ବିଚ୍ଛିନ୍ନ ହୋଇଥିବା ଜଣାପଡିଛି। ଫଳରେ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ ଜଳବନ୍ଦୀ ହୋଇଥିବା ଦେଖାଯାଇଛି। କୋଟପାଡ଼ ବିଧାୟକ ରୂପୁ ଭତ୍ରା ବନ୍ୟାଞ୍ଚଳ ଗସ୍ତକରି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଥିବା


ପ୍ରବଳ ବର୍ଷାରେ କୁସୁମି ମଶାଣି ଭିତରେ ବର୍ଷା ପାଣି ଜମିରହିଛି।

ଜଣାପଡିଛି । ଅନ୍ୟପକ୍ଷରେ କୁସୁମୀ ଓ ଚିତ୍ରା ପଞ୍ଚାୟତର ଅଧିକାଂଶ ଗ୍ରାମାଞ୍ଚଳ ଓ ବୋବେୟା ପଞ୍ଚାୟତର ମୋହନ୍ତିପୁଟ ଅଞ୍ଚଳର ଚାଷ ଜମିଗୁଡିକରେ ବନ୍ୟାଜଳ ପଶିଥିବାରୁ ୩୦୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ଏଭଳି କି କେତେକ ଗ୍ରାମାଞ୍ଚଳରେ ଗ୍ରାମବାସୀ ତିଆରି କରିଥିବା ବାଉଁଶ ପୋଲଗୁଡିକ ବର୍ଷା ଜଳରେ ଭାସି ଯାଇଥିବାରୁ ଗ୍ରାମାଞ୍ଚଳ ଲୋକେ ପାଖ ଗ୍ରାମକୁ ଯାତାୟାତ କରିପାରୁ ନ ଥିବା ଖବର ମିଳିଛି । ଏଭଳି ଲଘୁଚାପଜନିତ ବର୍ଷା ଯଦି ଲାଗି ରୁହେ ତେବେ କୁସୁମୀ ଓ ଚିତ୍ରା ଅଞ୍ଚଳର ଅଧିକାଂଶ ଗ୍ରାମ ଜଳମଗ୍ନ ହୋଇପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପରିସ୍ଥିତି ଅନୁଧ୍ୟାନ ଲାଗି ପଞ୍ଚାୟତ କିମ୍ବା ବ୍ଲକରୁ କୌଣସି କର୍ମଚାରୀ ଆସି ନ ଥିବା ଜଣାପଡ଼ିଛି ।

## ବସ୍-ବାଇକ୍ ଧକ୍କା, ୨ ମୃତ

ଜୟପୁର,୮।୯(ପବନ ପାଣିଗ୍ରାହୀ)

ଜୟପୁର-ବୋରିଗୁମ୍ମା ରାସ୍ତା ହାରଡାପୁଟ ନିକଟରେ ରବିବାର ବସ ବାଇକ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଛି । ସନ୍ଧ୍ୟା ସମୟରେ ଗୁପ୍ତା ଟ୍ରାଭେଲ ନାମକ ଏକ ଘରୋଇ ବସ ଜୟପୁରରୁ ଜଗଦଲପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ୨ ଜଣ ବାଇକ୍‌ଚାଳକଙ୍କୁ ଧକ୍କା ଦେଇଥିଲା । ଉଭୟ ଭାରସାମ୍ୟ ହରାଇ ବସର ପଛଚକା ତଳେ ପଡିଯାଇଥିଲେ। ଦୁର୍ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ବୋରିଗୁମ୍ମା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ସିଏମ୍ କିଷାନ ଯୋଜନା ଉଦ୍‌ଘାଟିତ

ନନ୍ଦପୁର, ୮।୯(ସୁନୀଲ କୁମାର ପଣ୍ଡା)

ନନ୍ଦପୁର ବ୍ଲକରେ ରବିବାର ସିଏମ୍ କିଷାନ ଯୋଜନା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏବିଡିଓ ଏମ୍. ପ୍ରକାଶ ରାଓ ଏବଂ ଦେବାଶିଷ ଦେଶୀନାୟକ, ଏଏଓ ଲେନିନ ଶବର ଓ ଅନ୍ୟ ଅଫିସ କର୍ମଚାରୀ ଉପସ୍ଥିତ ଥିଲେ । ସିଏମ କିଷାନ କୃଷି ଭିତ୍ତିକ ପର୍ବ ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସରେ ଚାଷୀଙ୍କୁ ୨୦୦୦ଟଙ୍କା ଡିବିଟି ମାଧ୍ୟମରେ ଦିଆଯାଇଛି। କାର୍ଯ୍ୟକ୍ରମକୁ ଲିଙ୍ଗରାଜ ଚୌଧୁରୀ ପରିଚାଳନା କରିଥିଲେ ।

## ଲଗାଣ ବର୍ଷାରେ ୨୦ ଘର ଭାଙ୍ଗିଲା

ଜୟପୁର,୮।୯(ପବନ ପାଣିଗ୍ରାହୀ)

ଜୟପୁର ତହସିଲ ଓ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ୨୦ ଘର ଭାଙ୍ଗିଯାଇଛି। ବର୍ଷାରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଛି। ଜୟପୁର ବ୍ଲକ ଫାମ୍ପୁଣି, ଘାଟବାଗ୍ରା, ଟାଙ୍କୁଆ, କଙ୍ଗା ଅଞ୍ଚଳରେ ୧୨ ଘର ଭାଙ୍ଗିଛି । ସେହିପରି ମିନାଗୁଡା,ହଟଗଙ୍ଗାସ ପୁଟ୍ରା, ବଡପଡା ଫାମ୍ପୁଣି ଅଞ୍ଚଳର ୮ ଘର ଭାଙ୍ଗିଥିବା ସୂଚନା ପାଇ ଜୟପୁର ତହସିଲଦାର ସବ୍ୟସାଚୀ ଜେନା ପରିଦର୍ଶନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ପଲିଥିନ ପ୍ରଦାନ କରିଥିବା ବିଡିଓ ଶକ୍ତି ମହାପାତ୍ର ସୂଚନା ଦେଇଛନ୍ତି।



## ଭୂମି ପୂଜାକୁ ପୂରିଲା ୮ ମାସ, ହେଲାନି ରାସ୍ତା

### କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ସୁନାବେଡା/ସେମିଳିଗୁଡା ୮।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଗତ ଜାନୁଆରୀ ୩ ତାରିଖରେ ପୂର୍ବତନ ବିଧାୟକ, ନଗରପାଳ, ଉପନଗରପାଳ ତଥା କାଉନସିଲର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସୁନାବେଡା ପୌର ପରିଷଦ ୧୮ ନମ୍ବର ୱାର୍ଡ ଶାସ୍ତ୍ରୀନଗରରେ ରାସ୍ତା ତିଆରି ଲାଗି ଏକ ଶିଳାନ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା । ଏହା ଜରିଆରେ ଶାସ୍ତ୍ରୀନଗରର ରାସ୍ତା ନିର୍ମାଣ ହେବା କଥା । କିନ୍ତୁ ଇତିମଧ୍ୟରେ ୮ ମାସ ବିତି ଯାଇଥିଲେ ମଧ୍ୟ ସେଠାରେ ମାଟି ମୁଠାଏ ବି ପଡିପାର ନାହିଁ। ଯାହାକୁ ନେଇ ଶୁକ୍ରବାର ସ୍ଥାନୀୟ ଲୋକେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ


୮ ମାସ ପୂର୍ବରୁ ରାସ୍ତା ପାଇଁ ହୋଇଥିବା ଭୂମି ପୂଜାନ କାର୍ଯ୍ୟକ୍ରମ ।

କରିଛନ୍ତି। ଦେଇଥିବା ପତ୍ର ମୁତାବକ ରାସ୍ତା କାମ ପାଇଁ ଶିଳାନ୍ୟାସ ହୋଇଥିଲେ ମଧ୍ୟ କାହିଁକି ଏ ପର୍ଯ୍ୟନ୍ତ କାମ ହୋଇପାରି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ପୂର୍ବରୁ ୱାର୍ଡର କାଉନସିଲରଙ୍କୁ ମଧ୍ୟ ଅନୁରୂପ ଦାବିପତ୍ର ଦେଇଥିବା ପତ୍ରରେ ଉଲ୍ଲେଖ ରହିଥିବା ବେଳେ ତାହା କାର୍ଯ୍ୟକରୀ ହୋଇ ନ ଥିବାରୁ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୁନାବେଡା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସରକାର ପରିବର୍ତ୍ତନ ପରେ କିଛିଦିନ କାର୍ଯ୍ୟ ବନ୍ଦ ରହିଥିଲା। ବର୍ତ୍ତମାନ ସେହି କାର୍ଯ୍ୟକୁ ଆକ୍ସନ ପ୍ଲାନରେ ରଖାଯାଇଛି ଆଗକୁ କାଉନସିଲ ବୈଠକରେ ପାରିତ ପରେ ଟେଣ୍ଡର କରାଯିବ ବୋଲି ସେ କହିଛନ୍ତି ।

## ଆହତଙ୍କୁ ମେଡିକାଲ ନେଲେ ମନ୍ତ୍ରୀ

ଗୋପାଳପୁର,୮।୯(ନବୀନ ରାଜ ଆଚାରୀ)

ରାଜ୍ୟ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ୧୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ଅଟୋ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରି ନିଜର ମାନବିକତା ଦେଖାଇଛନ୍ତି। ରବିବାର ପୂର୍ବାହ୍ନ ସମୟରେ ୧୬ ନଂ ଜାତୀୟ ରାଜପଥ କନିସି ହାଟ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ଏହି ରାସ୍ତା ଦେଇ ମନ୍ତ୍ରୀ ଜେନା ଓ କର୍ମୀମାନେ ଯାଉଥିବା ସମୟରେ ଦୁର୍ଘଟଣା ଦେଖି ଗାଡି ଅଟକାଇ ଗୁରୁତର ମହିଳାଙ୍କୁ ମେଡିକାଲକୁ ପଠାଇଥିଲେ।

## ସିଏମ୍ କିଶାନ ସହାୟତା ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ


ସିଏମ୍ କିଶାନ ସହାୟତାର ସିଧାପ୍ରସାରଣ ଜୟପୁର ବ୍ଲକ କାର୍ଯ୍ୟାଳୟରେ ଦେଖୁଛନ୍ତି ।

ଜୟପୁର,୮।୯(ପବନ ପାଣିଗ୍ରାହୀ)

ସମ୍ବଲପୁରରେ ସିଏମ୍ କିଶାନ ସହାୟତା ଯୋଜନାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଶୁଭାରମ୍ଭ କରିଛନ୍ତି । ଏହାର ସିଧାପ୍ରସାରଣ ଜୟପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଡିଓ ଶକ୍ତି ମହାପାତ୍ର,ତହସିଲଦାର ସବ୍ୟସାଚୀ ଜେନା ସହ କୃଷି ବିଭାଗର ଅଧିକାରିମାନେ ଉପସ୍ଥିତ ଥିଲେ। ବିଭିନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମର ଉନ୍ମୋଚନ କରାଯାଇଥିଲା। ଯୋଜନାରେ ନୂତନ ହିତାଧିକାରିଙ୍କ ନାମ ପଞ୍ଜିକରଣ ପାଇଁ ନୂତନ ପୋର୍ଟଲର ଉନ୍ମୋଚନ ହୋଇଥିଲା। ଯଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଏବଂ ଭୂମିହୀନ ଚାଷୀ ପରିବାର ମଧ୍ୟ ଉପକୃତ ହେବେ ।

## ବିଶ୍ୱ ସାକ୍ଷରିତା ଦିବସ ପାଳିତ

କୋରାପୁଟ,୮।୯(ଅମିତାଭ ବେହେରା)

କୋରାପୁଟ ଗୋଷ୍ଠୀ ଶିକ୍ଷା ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭାର ମିଳିତ ଆନୁକୁଲ୍ୟରେ କୋଲାବନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ରବିବାର ବିଶ୍ୱ ସାକ୍ଷରିତା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବାଶିଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ସହାୟକ ଗୋଷ୍ଠୀ ଶିକ୍ଷାଧିକାରୀ ଶିବ ପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ଉପସ୍ଥିତ ଅଭିଭାବକମାନଙ୍କୁ ମୁଖ୍ୟ ଅତିଥି ରଥ ଶପଥପାଠ କରାଇଥିଲେ। ଏହି ଅବସରରେ ଉଲ୍ଲାସ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶୋଭା ଅନୁଷ୍ଠାନର ସଂଯୋଜକ ରାମା ରାଓ, ୱାର୍ଡ଼ ମେମ୍ବର ହୀରା ହରିଜନ,ସୋମନାଥ ଖରା, ସିଆରସିସି ସୂର୍ଯ୍ୟ ନାରାୟଣ ବେହେରା ଓ ଶିକ୍ଷକ ସୁଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶୋଭା ଅନୁଷ୍ଠାନର ଏସ. କ୍ରିଷ୍ଣା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଗଞ୍ଜେଇପଦର ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।



ସାକ୍ଷରତା ଦିବସରେ ମଞ୍ଚାସୀନ ଅତିଥି ।

## ଅଣଗେଜେଟେଡ୍ ବନ ସେବା ସଂଘର ଦ୍ୱି-ବାର୍ଷିକ ଅଧିବେଶନ

କୋରାପୁଟ,୮।୯(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସଭାଗୃହରେ ଓଡିଶା ଅଣଗେଜେଟେଡ ବନ ସେବା ସଂଘ ପକ୍ଷରୁ ୪୮ତମ ଦ୍ୱି-ବାର୍ଷିକ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବନଖଣ୍ଡ ଅଧିକାରୀ କେ. ଭି. ଭାସ୍କର ରାଓ, ସମ୍ମାନିତ ଅତିଥି ଜୟପୁର ବନଖଣ୍ଡ ଅଧିକାରୀ ପ୍ରତାପ କୁମାର ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ ଓ ରାଜ୍ୟ ସଂଯୋଜକ ସୁରେଶ କୁମାର ସାହୁଙ୍କ ସମେତ କୋରାପୁଟ, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଶାଖାର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଓଡିଶା ଅଣଗେଜେଟେଡ୍ ବନସେବା ସଂଘ ଏକ ପୁରାତନ ସ୍ୱୀକୃତିପ୍ରାପ୍ତ ସରକାରୀ ସଂଘ । ଦୀର୍ଘ ୭୫ ବର୍ଷ ହେଲା ଅଣଗେଜେଟେଡ ବନ କର୍ମଚାରୀ ସେବା ଯୋଗାଇ



ଅଧିବେଶନରେ ଯୋଗ ଦେଇଥିବା ଅତିଥି ।

ଆସୁଛନ୍ତି। କୋରାପୁଟ, ଜୟପୁର ଏବଂ ଜୟପୁର କେନ୍ଦୁପତ୍ର ବନଖଣ୍ଡକୁ ନେଇ କୋରାପୁଟ ଶାଖା ଗଠନ ହୋଇଛି। ସଂଘ ବହୁ ବର୍ଷ ଧରି ଦରମା ବୃଦ୍ଧି ପାଇଁ ସଂଗ୍ରାମ ଜାରି ରଖିଛନ୍ତି। କିଛି ଦାବି ପୂରଣ ହୋଇଛି ଏବଂ ଆଉ କିଛି ଦାବି ଏବେ ବି ପୂରଣ ହୋଇନାହିଁ । ରାଜ୍ୟରେ ନୂତନ ସରକାର ଆସିଥିବାରୁ ପୁନର୍ବାର ଦରମା କେନ୍ଦ୍ରୀୟ ହାରରେ ପ୍ରଦାନ କରିବା ପାଇଁ ସରକାରଙ୍କ ଆଗରେ ଦାବି ଉପସ୍ଥାପନା କରିଛନ୍ତି । ଏଥିପାଇଁ ରାଜ୍ୟ ସଂଘ ବିଧିବଦ୍ଧ ଭାବରେ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ସଂଘ ଦାବି କରିଛି। ନୂତନ ପେନସନ ଯୋଜନା ବଦଳରେ ପୁରୁଣା ପେନସନ ପ୍ରଦାନ କରିବା, ଯଥା ଶୀଘ୍ର ସମସ୍ତ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ପ୍ରଦାନ, ସମସ୍ତ ବନ କର୍ମଚାରୀ ପୋଲିସ ବିଭାଗ ଭଳି ୨୪ ଘଣ୍ଟା କାର୍ଯ୍ୟ କରୁଥିବାରୁ ବର୍ଷରୁ ଏକମାସ ଅଧିକ ଦରମା ତଥା ୧୩ ମାସିକ ଦରମା ପ୍ରଦାନ ଆଦି ୧୦ ଦାବି ରହିଛି। ସମ୍ପାଦକ ସନ୍ତୋଷ କୁମାର ସାହୁ ବିବରଣୀ ପାଠ କରିଥିଲେ ଓ ସଭାପତି ମନୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

